# ଓ.ଟି.ପି.ସି. ର ପ୍ରଥମ ଆର୍.ପି.ଡି.ଏ.ସି.ବୈଠକ

ଢେଙ୍କାନାଳ-୩୦/୮- ଅଦ୍ୟ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁରଙ୍କ ଅଧ୍ୟକ୍ଷତାରେ ଓ.ଟି.ପି.ସି.ର ପ୍ରଥମ ଆର୍.ପି.ଡି.ଏ.ସି. ବୈଠକ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି | ଓ.ଟି.ପି.ସି. ଓଡିଶା ଖଣି ନିଗମ ଓ ଓଡିଶା ଜଳ ବିଦ୍ୟୁତ ନିଗମ ଦ୍ୱାରା ପ୍ରତିଷ୍ଠିତ ଏକ ମିଳିତ ଉଦ୍ୟୋଗ କମ୍ପାନି ଅଟେ | ଏହି କମ୍ପାନି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତହସିଲ ଅର୍ନ୍ତଗତ ଅନ୍ନପୂର୍ଣ୍ଣାପୁର ଖମାର (ଖ), ଅଁଳାବେରେଣୀ, ଆଲୁଅଝରଣ, କୁସୁମଯୋଡି, କାଟେଣି, ଧୋବାବାହାଳି ଓ କଣ୍ଡାପାଳ ଅଞ୍ଚଳରେ ୨୪୦୦ ମେଗାୱାଟ (୩X୮୦୦) ବିଶିଷ୍ଟ ସୁପର କ୍ରିଟିକାଲ ଜ୍ଞାନକୌଶଳରେ ଆଧାରିତ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ କରିବ | ଏଥିରୁ ଉତ୍ପାଦିତ ହେବାକୁ ଥିବା ବିଦ୍ୟୁତ ଓଡିଶା ରାଜ୍ୟର ବ୍ୟବହାର ଲାଗି ବିନିଯୋଗ କରାଯିବ | ଏହି ପ୍ରକଳ୍ପ ଦ୍ୱାରା ଅନ୍ନପୂର୍ଣ୍ଣାପୁର ଖମାର (ଖ) ଗ୍ରାମର ହାରାହାରି ୧୫୬ ପରିବାର ବାସଚ୍ୟୁତ ହେବାର ସାମାଜିକ ଓ ଆର୍ଥିକ ସର୍ଭେ ଦ୍ୱାରା ଆକଳନ କରାଯାଇଅଛି | ଅଦ୍ୟ ବୈଠକରେ ବାସଚ୍ୟୁତ ହେବାକୁ ଥିବା କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଥଇଥାନ ଯଥା ବାସଗୃହ, ଚାକିରି ଓ ଅନ୍ୟାନ ଆନୁସଂଗିକ ସୁବିଧା ବାବଦରେ ବିଷଦଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ମାନ୍ୟବର ସାଂସଦ, ଢେଙ୍କାନାଳ- ଅନୁଗୋଳ ସାଂସଦିୟ ର୍ନିବାଚନ ମଣ୍ଡଳି, ମାନ୍ୟବର ବିଧାୟକ, କାମାକ୍ଷାନଗର ତଥା ମନ୍ତ୍ରୀ, ଖଣି ଓ ଇସ୍ପାତ ଓ ପୂର୍ତ୍ତ ଏବଂ ମାନବ୍ୟର ବିଧାୟକ, ପରଜଂଗ ତଥା ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଓଡିଶା, ଜିଲ୍ଲାପାଳ, ଢେଙ୍କାନାଳ, ଆର୍.ପି.ଡି.ଏ.ସି ର ଉପସ୍ଥିତ ଥିବା ସମସ୍ତ ସଦସ୍ୟଗଣ ପୁଂଖାନୁପୁଂଖ ଭାବେ ଆଲୋଚନା କଲେ | ଅଦ୍ୟ ସଭାରେ ବାସଚ୍ୟୁତ ହେବାକୁ ଥିବା ୧୫୬ ପରିବାର ତାଲିକା ତଥା ବାସଚ୍ୟୁତ ପରିବାରଙ୍କୁ ପୁନର୍ବାସ ଓ ପୁନଃଥଇଥାନ ପାଇଁ ସରକାରଙ୍କ ଦ୍ୱାରା ନିର୍ଧାରିତ ପ୍ୟାକେଜ କୁ କମିଟି ଅନୁମୋଦନ ଦେଲେ | ପୁନଃଶ୍ଚ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁର ଯଥାଶିଘ୍ର ବାସଚ୍ୟୁତ ହେବାକୁ ଥିବା ପରିବାରଙ୍କ ପାଇଁ ଥଇଥାନ କଲୋନି ରେ ଗୃହ ର୍ନିମାଣ ସକାଶେ ଓ.ଟି.ପି.ସି. ର ମୂଖ୍ୟ କାର୍ଯ୍ୟର୍ନବାହୀ ଅଧିକାରିଙ୍କୁ ର୍ନିଦେଶଦେଲେ |ମୋଟ ଉପରେ ଅଦ୍ୟ ବୈଠକରେ ବାସଚ୍ୟୁତ କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କ ସମସ୍ୟାକୁ ସରକାରଙ୍କ ପ୍ରଚଳିତ ଆଇନ ଅନୁଯାଇ ସହୃଦୟତାର ସହିତ କମ୍ପାନି କର୍ତ୍ତୃପକ୍ଷ ତଥା ଢେଙ୍କାନାଳ ଜିଲ୍ଲା ପ୍ରସାଶନ ବିଚାର କରି ପ୍ରକଳ୍ପ କାର୍ଯ୍ୟ କୁ ତ୍ୱରାନିତ କରିବା ପାଇଁ ମତ ପ୍ରକାଶ ପାଇଲା |